## ବୁଧବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ ହେବ

# ବିଦାୟ ପାର୍ବତୀ ଦିଦି

**ଭୁବନେଶ୍ୱର, ୧୨।୨/ଏନ୍‌ଏନ୍‌ଏସ୍:**



ଓଡ଼ିଆ ଫିଲ୍ମ ଜଗତର କିମ୍ବଦନ୍ତୀ ଅଭିନେତ୍ରୀ, ମହିଳା ପ୍ରଯୋଜକ ଓ ନିର୍ଦ୍ଦେଶକ ପାର୍ବତୀ ଘୋଷ ଆଉ ଇହଧାମରେ ନାହାନ୍ତି । ଗତକାଲି ରାତିରେ ରାଜଧାନୀର ଏକ ଘରୋଇ ହସ୍ପିଟାଲ୍‌ରେ ତାଙ୍କର ପରଲୋକ ଘଟିଛି । ଗତକାଲି ରାତି ୧୨ଟା ୩୦ରେ ହସ୍ପିଟାଲ୍‌ରେ ଭର୍ତ୍ତି ହେବାର କିଛି ସମୟ ପରେ ସେ ପାର୍ଥିବ ଶରୀର ତ୍ୟାଗ କରିଥିଲେ । ମୃତ୍ୟୁ ବେଳକୁ ତାଙ୍କୁ ୮୫ ବର୍ଷ ହୋଇଥିଲା । କଲିକତାରେ ଥିବା ତାଙ୍କ କନ୍ୟା ରାତ୍ରି ଘୋଷ ଆଜି ସକାଳେ ଆସି ପହଞ୍ଚିଛନ୍ତି । ଆମେରିକାରେ ରହୁଥିବା ତାଙ୍କର ପୁଅଙ୍କ ଆସିବା ପର୍ଯ୍ୟନ୍ତ ତାଙ୍କ ମର ଶରୀରକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଛି । ବୁଧବାର ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହେବ । ଓଡ଼ିଆ ଚଳଚ୍ଚିତ୍ର ଜଗତର ପ୍ରଥମ ମହିଳା ନିର୍ଦ୍ଦେଶକ, ପ୍ରଯୋଜକ ତଥା ନିଖୁଣ ଅଭିନୟ କରିପାରୁଥିବା ସ୍ୱର୍ଗତ ଘୋଷ ୧୯୩୩ ମସିହାରେ କଟକ ମାନସିଂହପାଟଣାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଅଭିନୀତ 'ସ୍ତ୍ରୀ' ଚଳଚ୍ଚିତ୍ର ପାଇଁ ସେ ଜାତୀୟ ପୁରସ୍କାର ଲାଭ କରିଥିଲେ । ରାଜ୍ୟ ସରକାର ପାର୍ବତୀ ଘୋଷଙ୍କୁ ଓଡ଼ିଆ ଚଳଚ୍ଚିତ୍ରର ସର୍ବୋଚ୍ଚ ସମ୍ମାନ 'ଜୟଦେବ ପୁରସ୍କାର' ସମ୍ମାନିତ କରିଥିଲେ । ତାଙ୍କ ବିୟୋଗରେ ସମଗ୍ର ରାଜ୍ୟରେ ଶୋକର ଛାୟା ଖେଳିଯାଇଛି ।

▶ ଅଧିକ -୧୨

ସ୍ୱର୍ଗତ ଘୋଷଙ୍କ ମୃତ୍ୟୁରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ଓଡ଼ିଆ ଚଳଚ୍ଚିତ୍ର ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି । ମୁଖ୍ୟମନ୍ତ୍ରୀ ତାଙ୍କ ବାସଭବନକୁ ଯାଇ ଶେଷ ସମ୍ମାନ ଜଣାଇବା ସଙ୍ଗେ ସଙ୍ଗେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ସ୍ୱର୍ଗତ ଘୋଷଙ୍କ ଶେଷ କୃତ୍ୟ ପାଳନ ହେବ ବୋଲି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ପାର୍ବତୀ ଘୋଷଙ୍କ ମୃତ୍ୟୁରେ ସେ ଗଭୀର ମର୍ମାହତ । ପ୍ରାରମ୍ଭିକ କାଳରେ ସେ ଏକାକୀ ଓଡ଼ିଆ ଚଳଚ୍ଚିତ୍ର ଜଗତକୁ ଏକ ନୂଆ ସୋପାନକୁ ନେଇ ପାରିଥିଲେ । ସେ ନାରୀ ସଶକ୍ତୀକରଣର ଜଣେ ପ୍ରତୀକ ଥିଲେ । ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଅଧ୍ୟକ୍ଷ ମୁନ୍ନା ଖାଁ, ବିଧାୟକ ବିଜୟ ମହାନ୍ତିଙ୍କ ସମେତ ଓଲିଉଡ୍‌ର ବହୁ ବରିଷ୍ଠ ଓ କନିଷ୍ଠ ଅଭିନେତା, ଅଭିନେତ୍ରୀ ମଧ୍ୟ ତାଙ୍କୁ ଶେଷ ସମ୍ମାନ ଜଣାଇଛନ୍ତି ।

ପାର୍ବତୀ ଘୋଷ ଜଣେ ଶିଶୁ କଳାକାର ଭାବେ ତାଙ୍କ ଅଭିନୟ ଜୀବନ ଆରମ୍ଭ କରିଥିଲେ ।

▶▶ ୭